# NATIONAL NEWS BULLETIN (ODIA)

**2 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ମହିଳା ସଶକ୍ତିକରଣ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଯୋଜନାଗୁଡ଼ିକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି-କହିଛନ୍ତି ରାଷ୍ଟ୍ରପତି ।

- ପଶ୍ଚିମ ଏସିଆ ପରିସ୍ଥିତି ସମେତ ଯେକୌଣସି ପରିସ୍ଥିତିର ସମାଧାନ ଆଲୋଚନା ଏବଂ କୂଟନୀତି ଜରିଆରେ ସମ୍ଭବ-କହିଲେ ପ୍ରଧାନମନ୍ତ୍ରୀ ।

- ଇରାନ ଏବଂ ଇସ୍ରାଏଲ ଓ ଆମେରିକା ପକ୍ଷରୁ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ବୃଦ୍ଧି ପାଉଥିବାରୁ ପଶ୍ଚିମ ଏସିଆରେ ପରିସ୍ଥିତି ଜଟିଳ ।

- ବିଭିନ୍ନ ଦେଶ ଓ ସଭ୍ୟତା ମଧ୍ୟରେ ଜ୍ଞାନସେତୁ ନିର୍ମାଣ ପାଇଁ ପ୍ରଚେଷ୍ଟା ଜାରି ରହିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସୂଚନା ।

ଏବଂ

- ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଯୋଗୁଁ ଅଶୋଧିତ ତୈଳ ଦରରେ ୭ ପ୍ରତିଶତ ବୃଦ୍ଧି ।

# ମୋଦୀ କାର୍ଣ୍ଣିଟକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାଙ୍କ କାନାଡା ପ୍ରତିପକ୍ଷ ମାର୍କ କାର୍ଣ୍ଣିଙ୍କ ସହ ପ୍ରତିନିଧିସ୍ତରୀୟ ଆଲୋଚନା କରିଛନ୍ତି । ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ଅନୁଷ୍ଠିତ ଆଲୋଚନାରେ ଉଭୟ ନେତା ରଣନୈତିକ ସହଭାଗିତାର ବିଭିନ୍ନ କ୍ଷେତ୍ରରେ ଏପର୍ଯ୍ୟନ୍ତ ହାସଲ ହୋଇଥିବା ପ୍ରଗତି ସମୀକ୍ଷା କରିଛନ୍ତି । ବୈଠକରେ ବାଣିଜ୍ୟ ଏବଂ ନିବେଶ, ଶକ୍ତି, ଗୁରୁତ୍ୱପୂର୍ଣ୍ଣ ଖଣିଜପଦାର୍ଥ, କୃଷି, ଶିକ୍ଷା, ଗବେଷଣା ଓ ନବସୃଜନ ଆଦି ପ୍ରସଙ୍ଗ ଉପରେ ଉଭୟ ନେତା ମତ ବିନିମୟ କରିଥିବା ଜଣାପଡିଛି । ବୈଠକ ପରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରସ୍ଥିତି ଚିନ୍ତାର କାରଣ ହୋଇଛି । ସେ କହିଛନ୍ତି ଯେକୌଣସି ପ୍ରକାରର ପରିସ୍ଥିତିର ଆଲୋଚନା ଏବଂ କୂଟନୀତି ଜରିଆରେ ସମାଧାନ ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଶ୍ରୀ ମୋଦୀ ଭାରତ ଓ କାନାଡା ମଧ୍ୟରେ ସ୍ୱତନ୍ତ୍ର ଅର୍ଥନୈତିକ ସହଭାଗିତା ବୁଝାମଣାକୁ ତ୍ୱରାନ୍ୱିତ କରିବା ଉପରେ ଉଭୟ ନେତା ସହମତ ହୋଇଥିବା କହିଛନ୍ତି ।

**V/O (PM on MOU)**

# ପ୍ରେରଜ୍-ଦିଲ୍ଲୀ ସ୍କିମ୍‌ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ମହିଳାମାନେ ହେଉଛନ୍ତି ସମାଜର ଅବିଚ୍ଛେଦ୍ୟ ଅଙ୍ଗ । ଆଜି ନୂଆଦିଲ୍ଲୀରେ ଦିଲ୍ଲୀ ସରକାରଙ୍କ ଦ୍ୱାରା

ପ୍ରଣୀତ ୪ଟି ମହିଳା କୈନ୍ଦ୍ରିକ ଯୋଜନାର ଶୁଭାରମ୍ଭ କରିବା ଅବସରରେ ରାଷ୍ଟ୍ରପତି କହିଛନ୍ତି ଏକ ସଭ୍ୟ ଦେଶର ବାସ୍ତବ ପ୍ରତିକ ଭାବେ ମହିଳାମାନଙ୍କ ପ୍ରତି ସମ୍ମାନ ଓ ସେମାନଙ୍କ ସଶକ୍ତିକରଣକୁ ବିବେଚନା କରାଯାଏ । ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଲାଖପତି ବିଟିୟା ଯୋଜନା, ସହେଲି ପିଙ୍କ୍ ସ୍ମାର୍ଟକାର୍ଡ, ମେରି ପୁଞ୍ଜି ମେରା ଅଧିକାର ଏବଂ ମୁକ୍ତ ରନ୍ଧନ ଗ୍ୟାସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି । ରାଷ୍ଟ୍ରପତି କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ମହିଳା କୈନ୍ଦ୍ରିକ ଯୋଜନାଗୁଡ଼ିକ ମହିଳା ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି ବୋଲି କହିଛନ୍ତି ।

**V/O (President on Women Empowerment)**

## ପ୍ରଧାନ-ଇଣ୍ଡିଆ ଇଡିୟୁ କନ୍‌କ୍ଲେଭ

ଚଳିତ ଶିକ୍ଷାବର୍ଷ ସୁଦ୍ଧା ୧୯ଟି ବିଦେଶୀ ବିଶ୍ୱବିଦ୍ୟାଳୟ ଭାରତରେ କ୍ୟାମ୍ପସ ପ୍ରତିଷ୍ଠା ଲାଗି ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ଆଜି ନୂଆଦିଲ୍ଲୀରେ ଭାରତରେ ଶିକ୍ଷାଗ୍ରହଣ କୂଟନୈତିକ ସମ୍ମିଳନୀ ୨୦୨୬କୁ ସମ୍ବୋଧିତ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଭାରତୀୟ ପ୍ରତିଷ୍ଠାନ ଗୁଡ଼ିକ ବିଦେଶର ବିଶ୍ୱବିଦ୍ୟାଳୟ ଗୁଡ଼ିକ ସହଯୋଗଭିତ୍ତିରେ ସେମି କଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତା, ବାୟୋଟେକ୍, ଜଟିଳ ଖଣିଜପଦାର୍ଥ, କୃଷି ଏବଂ ପରିଚାଳନା ଦିଗରେ ଶିକ୍ଷା ପ୍ରଦାନ କରୁଛନ୍ତି । ଶିକ୍ଷାମନ୍ତ୍ରୀ ବିଦେଶୀ

ଛାତ୍ରଛାତ୍ରୀମାନଙ୍କୁ ଭାରତରେ ଶିକ୍ଷାଗ୍ରହଣ ଲାଗି ସ୍ୱାଗତ ଜଣାଇଛନ୍ତି । ସେ କହିଛନ୍ତି ଭାରତରେ ଶିକ୍ଷାର ମାନ ବୃଦ୍ଧି କରିବା ସହ ବିଶ୍ୱସ୍ତରରେ କିଭଳି ର୍ୟାଙ୍କିଂ ବ୍ୟବସ୍ଥାରେ ବୃଦ୍ଧି କରାଯାଇପାରିବ ଏବଂ ଯୁବପିଢ଼ୀଙ୍କ ପାଇଁ ଅର୍ଥନୈତିକ ସୁଯୋଗ ସୃଷ୍ଟି କରାଯାଇପାରିବ ସେ ଦିଗରେ ଧ୍ୟାନ କେନ୍ଦ୍ରିତ କରାଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ଦେଶର ଯୁବପିଢ଼ୀଙ୍କ ଠାରେ ହିଁ ଅନ୍ତର୍ନିହିତ ଶକ୍ତି ରହିଛି । ସେ କହିଛନ୍ତି ଦେଶର ମୋଟ୍ ଜନସଂଖ୍ୟାର ୬୫ପ୍ରତିଶତ ହେଉଛନ୍ତି ଯୁବପିଢ଼ୀ । ଶ୍ରୀ ପ୍ରଧାନ କହିଛନ୍ତି ବିଭିନ୍ନ ଦେଶ ଓ ସଭ୍ୟତା ମଧ୍ୟରେ ଏକ ଜ୍ଞାନସେତୁ ନିର୍ମାଣ କରିବା ପାଇଁ ଭାରତ ପ୍ରଚେଷ୍ଟା ଜାରି ରଖିଛି ।

## ରିଜିଜୁ-ଇସ୍ରାଏଲ ଇରାନ

ଇସ୍ରାଏଲ ଓ ଇରାନ ମଧ୍ୟରେ ସୃଷ୍ଟି ହୋଇଥିବା ପରିସ୍ଥିତି ଯୋଗୁଁ ଭାରତୀୟ ନାଗରିକମାନେ ଅଟକି ରହିଥିବା ଜଣାପଡିଛି । କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଅଟକି ରହିଥିବା ଭାରତୀୟମାନଙ୍କୁ ସୁରକ୍ଷିତ ସ୍ୱଦେଶ ଆଣିବା ଲାଗି ଯୋଜନା କରୁଛନ୍ତି । ଆଜି ହିମାଚଳପ୍ରଦେଶର କାଙ୍ଗ୍ରାରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତି ପୂର୍ବ ସରକାର ବିଦେଶରେ ରହୁଥିବା ଭାରତୀୟଙ୍କ ପାଇଁ ଏଭଳି ସହାୟତା କରୁନଥିବାବେଳେ ଏବେ ବିଭିନ୍ନ ଦେଶରେ କାର୍ଯ୍ୟ କରୁଥିବା ମିଶନ

ଜରିଆରେ ବୈଦେଶିକ ମନ୍ତ୍ରଣାଳୟ ଭାରତୀୟ ନାଗରିକଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନକୁ ଅଗ୍ରାଧିକାର ଦେଉଛି ।

**V/O (Kiran Rijiju)**

## କ୍ରୁଡ ଅଏଲ

ମଧ୍ୟପ୍ରାଚ୍ୟର ପ୍ରମୁଖ ତୈଳ ରପ୍ତାନୀକାରୀ ଦେଶଗୁଡ଼ିକ ମଧ୍ୟରେ ଯୁଦ୍ଧଭଳି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଆୟୋଜିତ ତୈଳ ଦର ବୃଦ୍ଧି ପାଇଛି । ଆଜି ସକାଳେ ଅଶୋଧିତ ତୈଳ ମୂଲ୍ୟ ୭ ପ୍ରତିଶତ ବୃଦ୍ଧି ପାଇଥିବା ସୂଚନା ମିଳିଛି । ବିଶ୍ୱରେ ଦୈନିକ ତୈଳ ଆବଶ୍ୟକତାର ପ୍ରାୟ ୨୦ ପ୍ରତିଶତ ହରମୁଜ ପ୍ରଣାଳୀ ଦେଇ ରପ୍ତାନୀ କରାଯାଉଥିବାବେଳେ ସେଥିରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ଭାରତ ମଧ୍ୟ ସେହି ପ୍ରଣାଳୀ ଦେଇ ୪୦ ପ୍ରତିଶତ ଅଶୋଧିତ ତୈଳ ଆମଦାନୀ କରିଥାଏ । ସୂଚନା ଅନୁଯାୟୀ ଅଶୋଧିତ ତୈଳ ବ୍ୟାରେଲ ପିଛା ମୂଲ୍ୟ ୭ ଦଶମିକ ୨ ପ୍ରତିଶତ ବୃଦ୍ଧିପାଇ ୭୮ ୟୁଏସ୍ ଡଲାରରେ ପହଞ୍ଚିଛି ।

## ଆଫଗାନ-ପାକ୍ କନ୍‌ଫ୍ଲିକ୍ଟ

ପାକିସ୍ତାନର ସାମରିକ ଘାଟୀ ସମେତ ରାୱଲପିଣ୍ଡିସ୍ଥିତ ବାୟୁସେନା ଘାଟୀ ଉପରେ ଆକାଶମାର୍ଗରୁ ଅନେକଥର ଆକ୍ରମଣ କରିଥିବା ଆଫଗାନିସ୍ତାନର ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି । ସାମାଜିକ

ଗଣମାଧ୍ୟମ ପୋଷ୍ଟରେ ଆଫଗାନିସ୍ତାନର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଏହି ଆକ୍ରମଣ ପାକିସ୍ତାନର ପ୍ରମୁଖ ସାମରିକ ବ୍ୟବସ୍ଥା ଗୁଡ଼ିକୁ ନଷ୍ଟ କରିବା ଲାଗି ଉଦ୍ଦିଷ୍ଟ ଥିଲା । ବିଶେଷଭାବେ ରାଓ୍ୱଲପିଣ୍ଡିସ୍ଥିତ ନୁର୍‌ଖାନ ବାୟୁସେନା ଘାଟୀ ବଲୋଚିସ୍ତାନର କ୍ୱେଟାସ୍ଥିତ ଦ୍ୱାଦଶ ଡିଭିଜନର ମୁଖ୍ୟାଳୟ ଏବଂ ଖାଇବର ପଖତୁଓ୍ୱାସ୍ଥିତ ଖ୍ୱାଜାଇ ଶିବିର ଉପରେ ଆକ୍ରମଣ କରାଯାଇଥିଲା । ଏହି ଅଭିଯାନ କାଳରେ ପାକିସ୍ତାନର ଅନେକଗୁଡ଼ିଏ କମାଣ୍ଡ ସେଣ୍ଟର ଉପରେ ମଧ୍ୟ ଆକ୍ରମଣ କରିଥିବା ଆଫଗାନିସ୍ତାନ ସୂଚନା ଦେଇଛି । ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା କୁହାଯାଇଛି । ପାକିସ୍ତାନ ସେନା ପକ୍ଷରୁ ପ୍ରଥମେ ଆକ୍ରମଣ ହେବାପରେ ଜବାବରେ ଆଫଗାନିସ୍ତାନ ଏହି ଆକ୍ରମଣ କରିଥିଲା ।

ପରବର୍ତ୍ତୀ ସମୟରେ ପାକିସ୍ତାନ ପକ୍ଷରୁ ଯଦି ପୁଣି ଆକ୍ରମଣ କରାଯାଏ ତେବେ ଆଫଗାନିସ୍ତାନ ଏହାର କଡ଼ା ଜବାବ ଦେବ ବୋଲି କହିଛି ।

## ୟୁଏଇ-ଇରାନ ଏନ୍‌ଭଏ

ଇରାନ ପକ୍ଷରୁ ସେମାନଙ୍କ ଅଞ୍ଚଳରେ ଆକ୍ରମଣ ହୋଇଥିବା ନେଇ ୟୁନାଇଟେଡ୍ ଆରବ ଏମିରେଟ୍‌ସ ଏବଂ ଯୋର୍ଡାନ, ଇରାନର ରାଷ୍ଟ୍ରଦୂତଙ୍କୁ ସମନ କରିଛନ୍ତି । ୟୁଏଇ ଏବଂ ଜୋର୍ଡାନର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଇରାନ ରାଷ୍ଟ୍ରଦୂତଙ୍କୁ ଡକାଯାଇ ଆକ୍ରମଣ ସମ୍ପର୍କରେ ସୂଚନା ଦିଆଯିବା ସହ ଦୃଢ଼ ବିରୋଧ କରାଯାଇଛି । ଉଭୟ ଦେଶ

ଇରାନକୁ ନିନ୍ଦା କରିବା ସହ ସେମାନଙ୍କ ସାର୍ବଭୌମତ୍ୱ ଏବଂ ଆନ୍ତର୍ଜାତିକ ଆଇନ୍‌ର ଇରାନ ଉଲ୍ଲଙ୍ଘନ କରିଥିବା କୁହାଯାଇଛି ।

ଅମାନରେ ଜୋର୍ଡାନର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଇରାନ ରାଷ୍ଟ୍ରଦୂତଙ୍କୁ ଏହି ଆକ୍ରମଣ ନେଇ ଦୃଢ଼ ସମାଲୋଚନା କରିଥିବାବେଳେ ଜାତିସଂଘ ନିୟମ ଅନୁଯାୟୀ ଏହା ଗ୍ରହଣୀୟ ନୁହେଁ ବୋଲି କୁହାଯାଇଛି । ସେହିପରି ଆବୁଧାବିରେ ୟୁଏଇ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଇରାନ ରାଷ୍ଟ୍ରଦୂତଙ୍କୁ ଏହା ଇରାନର ଆତଙ୍କବାଦୀ ଆକ୍ରମଣ ବୋଲି କୁହାଯାଇଛି ।

## ମଷ୍ଟ ଆନାନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଅଙ୍ଗଦାନର ଗୁରୁତ୍ୱ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା

ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।